# NATIONAL NEWS BULLETIN (ODIA)

## 26 March - 2024

## Evening Bulletin : 7.15 p.m.

**********************************

## ମୁଖ୍ୟ ସମ୍ବାଦ

- ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ତାଙ୍କର ବେଲଜିୟମ ପ୍ରତିପକ୍ଷ ଆଲେକ୍ସଜାଣ୍ଡର ଡି' କ୍ରୁ'ଙ୍କ ସହିତ ବିଭିନ୍ନ କ୍ଷେତ୍ରରେ ଥିବା ଦ୍ୱିପକ୍ଷୀୟ ସମ୍ପର୍କକୁ ଅଧିକ ସଶକ୍ତ କରିବା ଉପରେ ଆଲୋଚନା କରିଛନ୍ତି ।
- ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍.ଜୟଶଙ୍କର ଆଜି ମାନିଲା ଠାରେ ଫିଲିପାଇନ୍ସ ରାଷ୍ଟ୍ରପତି ବୋଙ୍ଗ୍‌–ବୋଙ୍ଗ୍ ମାର୍କସଙ୍କୁ ସାକ୍ଷାତ କରିଛନ୍ତି ।
- ପ୍ରଥମ ପର୍ଯ୍ୟାୟ ଲୋକସଭା ନିର୍ବାଚନ ଲାଗି ଆଗାମୀ କାଲି ହେଉଛି ପ୍ରାର୍ଥୀପତ୍ର ଦାଖଲ କରିବାର ଶେଷ ଦିନ ।

– ବିଭିନ୍ନ ଦଳର ପ୍ରାର୍ଥୀ ଦାଖଲ କରୁଛନ୍ତି ମନୋନୟନପତ୍ର ।

- ପାକିସ୍ତାନର ସାଙ୍ଗଲାଠାରେ ଏକ ଆତ୍ମଘାତୀ ବିସ୍ଫୋରଣରେ ୫ ଚୀନ୍ ନାଗରିକଙ୍କ ସମେତ ୬ ଜଣଙ୍କ ମୃତ୍ୟୁ ।

ଏବଂ

- ଆଇପିଏଲରେ ଚେନ୍ନାଇର ଏମଏ ଚିଦାମ୍ବରମ ଷ୍ଟାଡିୟମ ଠାରେ ଆଉ କିଛି ସମୟ ମଧ୍ୟରେ  ଚେନ୍ନାଇ ସୁପର କିଙ୍ଗସ ଓ ଗୁଜରାଟ ଟାଇଟନ୍ସ ମଧ୍ୟରେ ହେବ ମୁକାବିଲା ।

# ପିଏମ୍ ବେଲଜିୟମ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ତାଙ୍କର ବେଲଜିୟମ ପ୍ରତିପକ୍ଷ ଆଲେକ୍ସଜାଣ୍ଡର ଡି’ କ୍ରୁ’ଙ୍କ ସହିତ ଦୁଇ ଦେଶ ମଧ୍ୟରେ ବିଭିନ୍ନ କ୍ଷେତ୍ରରେ ଦ୍ୱିପକ୍ଷୀୟ ସମ୍ପର୍କକୁ ଅଧିକ ସଶକ୍ତ କରିବା ଉପରେ ଆଲୋଚନା କରିଛନ୍ତି। ଟେଲିଫୋନ୍ ଯୋଗେ ହୋଇଥିବା ଏହି ଆଲୋଚନାରେ ବାଣିଜ୍ୟ, ପୁଞ୍ଜିନିବେଶ, ବୈଷୟିକ ଜ୍ଞାନକୌଶଳ, ସେମିକଣ୍ଡକ୍ଟର, ସବୁଜ ହାଇଡ୍ରୋଜେନ୍, ପ୍ରଯୁକ୍ତିବିଦ୍ୟା, ସ୍ୱାସ୍ଥ୍ୟ, ବନ୍ଦର ଓ  ପ୍ରତିରକ୍ଷା କ୍ଷେତ୍ର ସମ୍ପର୍କିତ ପ୍ରସଙ୍ଗମାନ ସ୍ଥାନ ପାଇଥିଲା। ଉଭୟ ଦେଶ ମଧ୍ୟରେ ବିବିଧ କ୍ଷେତ୍ରରେ ଜାରି ରହିଥିବା ଭାଗିଦାରୀର ଅଗ୍ରଗତି ସମ୍ପର୍କରେ ଦୁଇ ପ୍ରଧାନମନ୍ତ୍ରୀ ସମୀକ୍ଷା କରିଥିଲେ। ଏଥିସହ ଆଗାମୀ ଦିନରେ ବେଲଜିୟମ ଅଧ୍ୟକ୍ଷତାରେ ୟୁରୋପୀୟ ସଂଘ ପରିଷଦ ସହିତ ଭାରତର ରଣନୈତିକ ଭାଗିଦାରୀକୁ  ଅଧିକ ସଶକ୍ତ କରିବା ଉପରେ ମଧ୍ୟ ଦୁଇ ନେତା ନିଜର ପ୍ରତିଶ୍ରୁତିବଦ୍ଧତା ଦୋହରାଇଛନ୍ତି। ବ୍ରୁସେଲ୍ସ ଠାରେ ପ୍ରଥମ ଆଣବିକ ଶକ୍ତି ସମ୍ମିଳନୀକୁ ସଫଳତାର ସହ ଆୟୋଜନ କରିଥିବାରୁ ଶ୍ରୀ ମୋଦୀ ତାଙ୍କର ବେଲଜିୟମ ପ୍ରତିପକ୍ଷଙ୍କୁ ଅଭିନନ୍ଦନ ଜଣାଇଥିଲେ। ଏଥିସହିତ ଉଭୟ ନେତା ବିଭିନ୍ନ ଆଞ୍ଚଳିକ ତଥା ବୈଶ୍ୱିକ ସମସ୍ୟାର ସମାଧାନ ଉପରେ ମଧ୍ୟ

ମତ ଆଦାଦ ପ୍ରଦାନ କରିଥିଲେ। ପଶ୍ଚିମ ଏସିଆ ଅଞ୍ଚଳରେ ଶାନ୍ତି ଫେରାଇ ଆଣିବା ସହିତ ରୁଷ୍ ଓ ୟୁକ୍ରେନ୍ ଦ୍ୱନ୍ଦ୍ୱର ସମାପ୍ତି ଲାଗି ପାରସ୍ପରିକ ସହଯୋଗରେ ପ୍ରଚେଷ୍ଟା ଜାରି ରଖିବା ଲାଗି ଶ୍ରୀ ମୋଦୀ ଏବଂ ତାଙ୍କର ବେଲଜିୟମ ପ୍ରତିପକ୍ଷ ସମ୍ମତି ପ୍ରକାଶ କରିଛନ୍ତି।

## ଜୟଶଙ୍କର ଫିଲିପାଇନ୍ସ

ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍.ଜୟଶଙ୍କର ଆଜି ମାନିଲା ଠାରେ ଫିଲିପାଇନ୍ସ ରାଷ୍ଟ୍ରପତି ବୋଙ୍ଗ୍-ବୋଙ୍ଗ୍ ମାର୍କସଙ୍କୁ ସାକ୍ଷାତ କରିଛନ୍ତି। ଏହି ଅବସରରେ ଡକ୍ଟର ଜୟଶଙ୍କର, ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର ଶୁଭେଚ୍ଛା ବାର୍ତ୍ତା ଫିଲିପାଇନ୍ସ ରାଷ୍ଟ୍ରପତିଙ୍କୁ ପ୍ରଦାନ କରିଛନ୍ତି। ଏ ସମ୍ପର୍କରେ ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ଡକ୍ଟର ଜୟଶଙ୍କର କହିଛନ୍ତି, ଭାରତ-ଫିଲିପାଇନ୍ସ ଭଳି ଦୁଇଟି ଗଣତାନ୍ତ୍ରିକ ଦେଶ ମଧ୍ୟରେ ବିଭିନ୍ନ କ୍ଷେତ୍ରରେ ରହିଥିବା ସହଯୋଗକୁ ଅଧିକ ସଶକ୍ତ କରିବା ଦିଗରେ ରାଷ୍ଟ୍ରପତି ଶ୍ରୀ ମାର୍କସଙ୍କର ମାର୍ଗଦର୍ଶନ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ।

ଏହି ଅବସରରେ ଡକ୍ଟର ଜୟଶଙ୍କର ସେଠାରେ ଭାରତୀୟ ତଟରକ୍ଷୀ ବାହିନୀ ଜାହାଜ 'ସମୁଦ୍ର ପେହେର୍‌ଦାର' ମଧ୍ୟ ପରିଦର୍ଶନ କରିଛନ୍ତି। ତାଙ୍କର ଏହି ପରିଦର୍ଶନ ଏବଂ ଏହି ଜାହାଜର ସେଠାରେ ଉପସ୍ଥିତି ଦୁଇ ଦେଶ ମଧ୍ୟରେ ଥିବା ଏକ ସଶକ୍ତ ଦ୍ୱିପକ୍ଷୀୟ ସମ୍ପର୍କକୁ ପ୍ରତିଫଳନ କରୁଛି ବୋଲି ଡକ୍ଟର ଜୟଶଙ୍କର କହିଛନ୍ତି। ସେ କହିଛନ୍ତି, ଭାରତର ପୁରାତନ

ତଥା ପାରମ୍ପରିକ ନୌବାଣିଜ୍ୟ ଏବେବି ସ୍ଥାନୀୟ ଅଞ୍ଚଳରେ ଦେଖିବାକୁ ମିଳେ। ଦୁଇ ଦେଶ ମଧ୍ୟରେ ସମ୍ପର୍କକୁ ଭାରତର ଆକ୍ଟ ଇଷ୍ଟ ନୀତି ଏବଂ ଭାରତ-ପ୍ରଶାନ୍ତ ମହାସାଗରୀୟ ଦୃଷ୍ଟିକୋଣ ମାଧ୍ୟମରେ ଅଧିକ ସୁଦୃଢ଼ କରାଯାଇପାରିବ ବୋଲି ଡକ୍ଟର ଜୟଶଙ୍କର ମତବ୍ୟକ୍ତ କରିଛନ୍ତି।

## କବିତା-ହେପାଜତ

ଦିଲ୍ଲୀ ଅବକାରୀ ନୀତି ଦୁର୍ନୀତି ମାମଲାରେ ଭାରତ ରାଷ୍ଟ୍ରୀୟ ସମିତି ନେତ୍ରୀ କେ କବିତାଙ୍କୁ ଏପ୍ରିଲ ୯ ତାରିଖ ପର୍ଯ୍ୟନ୍ତ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି)ର ହେପାଜତ ଅବଧି ସରିବା ପରେ ଆଜି ତାଙ୍କୁ ଦିଲ୍ଲୀର ଏକ କୋର୍ଟରେ ହାଜର କରାଯାଇଥିଲା। କବିତାଙ୍କୁ ୧୫ ଦିନ ପାଇଁ ବିଚାର ବିଭାଗୀୟ ହାଜତକୁ ପଠାଇବାକୁ ଇଡିର ଆବେଦନ ଉପରେ ରାଉଜ୍ ଆଭେନ୍ୟୁ କୋର୍ଟର ସ୍ୱତନ୍ତ୍ର ବିଚାରପତି ଏହି ନିର୍ଦ୍ଦେଶ ଦେଇଛନ୍ତି। ଇଡିର ଓକିଲ ଅଦାଲତଙ୍କୁ କହିଛନ୍ତି ଯେ କବିତା ଜଣେ ଅତ୍ୟନ୍ତ ପ୍ରଭାବଶାଳୀ ବ୍ୟକ୍ତି ଏବଂ ସେ ମୁକ୍ତ ହେଲେ ସାକ୍ଷୀଙ୍କୁ ପ୍ରଭାବିତ କରିବାର ସମ୍ଭାବନା ରହିଛି । ଏହାଛଡ଼ା ଦିଲ୍ଲୀ ଅବକାରୀ ନୀତି ମାମଲାରେ କବିତାଙ୍କର ଭୂମିକା କଣ ରହିଛି, ସେ ସମ୍ପର୍କରେ ବର୍ତ୍ତମାନ ତଦନ୍ତ ଜାରି ରହିଛି। ଏଥିସହିତ ଏହି ଅପରାଧରେ ଜଡ଼ିତ ଅନ୍ୟ ବ୍ୟକ୍ତିମାନଙ୍କୁ ମଧ୍ୟ ଚିହ୍ନଟ କରିବା ଲାଗି ଇଡି ଅଧିକ ତଦନ୍ତ କରୁଛି ବୋଲି ଅଦାଲତରେ କୁହାଯାଇଛି। ଏହି ମାମଲାରେ ସମ୍ପୃକ୍ତି ଅଭିଯୋଗରେ କବିତାଙ୍କୁ ଗତ ୧୫ ତାରିଖ ଦିନ ହାଇଦ୍ରାବାଦରେ

ଇଡି ପକ୍ଷରୁ ପଚରାଉଚରା କରାଯିବା ପରେ ତାଙ୍କୁ ଗିରଫ କରାଯାଇଥିଲା । ୧୬ ତାରିଖ ଦିନ କବିତାଙ୍କୁ ରାଉଜ ଆଭେନ୍ୟୁ ଅଦାଲତରେ ହାଜର କରାଯିବା ପରେ ଏକ ସପ୍ତାହ ଲାଗି ଇଡି ତାଙ୍କୁ ନିଜ ହେପାଜତକୁ ନେଇଥିଲା ।

## ନାଗାଲାଣ୍ଡ-ନୋମିନେସନ୍

ପ୍ରଥମ ପର୍ଯ୍ୟାୟ ଲୋକସଭା ନିର୍ବାଚନ ଲାଗି ଆଗାମୀ କାଲି ହେଉଛି ପ୍ରାର୍ଥୀପତ୍ର ଦାଖଲ କରିବାର ଶେଷ ଦିନ । ଏଥିଲାଗି ସମ୍ପୃକ୍ତ ଆସନଗୁଡ଼ିକ ଲାଗି ବିଭିନ୍ନ ଦଳ ପକ୍ଷରୁ ପ୍ରାର୍ଥୀମାନେ ନିଜ ନିଜର ମନୋନୟନପତ୍ର ଦାଖଲ କରୁଛନ୍ତି ।

ମିଳିଥିବା ସୂଚନା ଅନୁଯାୟୀ, ନାଗାଲାଣ୍ଡର ଏକମାତ୍ର ଲୋକସଭା ଆସନ ଲାଗି ବିଜେପି ସମେତ ୯ଟି ଦଳକୁ ନେଇ ଗଠିତ ପିପୁଲ୍ସ ଗଣତାନ୍ତ୍ରିକ ମେଣ୍ଟ (ପିଡିଏ)ର ସର୍ବସମ୍ମତି ପ୍ରାର୍ଥୀ ଡକ୍ଟର ଚୁମ୍ବେନ ମୁରୀ ନିଜର ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି ।  ଏହାଛଡ଼ା କଂଗ୍ରେସ ପକ୍ଷରୁ ମଧ୍ୟ ଏସ୍.ସୁପୋଙ୍ଗ ମେରେନ ଜମିର ମଧ୍ୟ ନିଜର ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି । ରାଜ୍ୟର ଏହି ଏକମାତ୍ର ଲୋକସଭା ଆସନ ଲାଗି ଏ ପର୍ଯ୍ୟନ୍ତ ତିନିଜଣ ପ୍ରାର୍ଥୀ ମନୋନୟନପତ୍ର ଦାଖଲ କରିଥିବା ଜଣାଯାଇଛି ।

## ବିଜେପି-ଏଲ୍‌ଏସ୍ କ୍ୟାଣ୍ଡିଡେଟ୍

ଆଗାମୀ ଲୋକସଭା ନିର୍ବାଚନ ଲାଗି ବିଜେପି ଆଉ ୩ ଜଣଙ୍କର ପ୍ରାର୍ଥୀଙ୍କ ନାମ ଘୋଷଣା କରିଛି। ରାଜସ୍ଥାନର ଦୁଇଟି ଏବଂ ମଣିପୁରର ଗୋଟିଏ ଲୋକସଭା ଆସନ ଲାଗି ଏହି ପ୍ରାର୍ଥୀଙ୍କ ନାମ ଘୋଷଣା କରାଯାଇଛି। ଦଳ ପକ୍ଷରୁ ଦିଆଯାଇଥିବା ସୂଚନା ଅନୁଯାୟୀ, ରାଜସ୍ଥାନର ଦୌସା ଆସନରୁ କହ୍ନିଆଲାଲ ମୀନା ଏବଂ କାରାଉଲି-ଧୋଲପୁର ଆସନରୁ ଇନ୍ଦୁ ଦେବୀ ଯାତବଙ୍କୁ ପ୍ରାର୍ଥୀରୂପେ ଘୋଷଣା କରାଯାଇଛି। ସେହିଭଳି ଥୌନାଓଜାମ ବସନ୍ତ କୁମାର ସିଂ ମଣିପୁରର ଇନର-ମଣିପୁର ସଂସଦୀୟ ଆସନରୁ ବିଜେପି ପ୍ରାର୍ଥୀ ହେବେ ବୋଲି ଦଳ ପକ୍ଷରୁ କୁହାଯାଇଛି।

## ଅରୁଣାଚଳ ପ୍ରଦେଶ-ବିଜେପି

ବରିଷ୍ଠ ବିଜେପି ନେତା ତଥା କେନ୍ଦ୍ରମନ୍ତ୍ରୀ କିରଣ ରିଜିଜୁ ଆଜି ଅରୁଣାଚଳ ପ୍ରଦେଶର ପଶ୍ଚିମ ସଂସଦୀୟ କ୍ଷେତ୍ରରୁ ନିଜର ନିଜର ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି। ପଶ୍ଚିମ ସିଆଙ୍ଗ ଜିଲ୍ଲାର ଆଲୋ ଠାରେ ଥିବା ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟରେ ଶ୍ରୀ ରିଜିଜୁ ବିଜେପି ନେତା ତଥା ରାଜ୍ୟ ମୁଖ୍ୟମନ୍ତ୍ରୀ ପ୍ରେମ ଖାଣ୍ଡୁଙ୍କ ଉପସ୍ଥିତିରେ ନିଜର ମନୋନୟନ ପତ୍ର ଦାଖଲ କରିଛନ୍ତି। ଅନ୍ୟପକ୍ଷରେ ଏହି ଆସନ ଲାଗି କଂଗ୍ରେସ ପକ୍ଷରୁ ପୂର୍ବତନ ମୁଖ୍ୟମନ୍ତ୍ରୀ ନାବାମ ତୁକି ମଧ୍ୟ ଆଜି ନିଜର ପ୍ରାର୍ଥୀପତ୍ର ଦାଖଲ

କରିଛନ୍ତି।  ଅରୁଣାଚଳ ପ୍ରଦେଶର ଦୁଇଟି ଯାକ ଲୋକସଭା ଆସନ ଲାଗି ଆସନ୍ତା ମାସ ୧୯ ତାରିଖ ଦିନ ଏକକ ପର୍ଯ୍ୟାୟରେ ମତଦାନ କରାଯିବ।

## ପୁଡୁଚେରୀ-ନୋମିନେସନ୍

ପୁଡୁଚେରୀ ଲୋକସଭା ଆସନ ଲାଗି ଆଜି ୮ ଜଣ ପ୍ରାର୍ଥୀ ନିଜ ନିଜର ମନୋନୟନପତ୍ର ଦାଖଲ କରିଛନ୍ତି। ସେମାନଙ୍କ ମଧ୍ୟରୁ ୭ ଜଣ ସ୍ୱାଧୀନ ଭାବେ ପ୍ରାର୍ଥୀପତ୍ର ଦାଖଲ କରିଥିବାବେଳେ ଡି.ଆଲାଙ୍ଗାରାଭେଲୁ ବହୁଜନ ସମାଜପାର୍ଟି ପକ୍ଷରୁ ପ୍ରାର୍ଥୀ ହୋଇଛନ୍ତି।

## ଉତ୍ତରାଖଣ୍ଡ-ନୋମିନେସନ୍

ଆଗାମୀ ଲୋକସଭା ନିର୍ବାଚନ ଲାଗି ଉତ୍ତରାଖଣ୍ଡରେ ଭାରତୀୟ ଜନତା ପାର୍ଟି ଏବଂ କଂଗ୍ରେସ ପକ୍ଷରୁ ପ୍ରାର୍ଥୀମାନେ ନିଜ ନିଜର ମନୋନୟନପତ୍ର ଦାଖଲ କରିଛନ୍ତି। ଡେରାଡୁନ୍ ଲୋକସଭା ଆସନ ଲାଗି ବିଜେପି ପକ୍ଷରୁ ମାଲରାଜ୍ୟ ଲକ୍ଷ୍ମୀଶାହା ମୁଖ୍ୟମନ୍ତ୍ରୀ ପୁଷ୍କର ସିଂ ଧାମିଙ୍କ ସମେତ ଦଳୀୟ କର୍ମୀଙ୍କ ସହିତ ଏକ ରୋଡ୍ ସୋ'ରେ ଯାଇ ନିଜର ମନୋନୟନପତ୍ର ଦାଖଲ କରିଛନ୍ତି। ସେହିଭଳି ବିଜେପିର ଅନୀଲ ବାଲୁନି ଗଡ଼ୱାଲ ଆସନରୁ ଦଳୀୟ ପ୍ରାର୍ଥୀ ହିସାବରେ ନିଜର ମନୋନୟନପତ୍ର ଦାଖଲ କରିଛନ୍ତି। ଏହି ସମୟରେ ତାଙ୍କ ସହିତ ବରିଷ୍ଠ ବିଜେପି ନେତ୍ରୀ ସ୍ମୃତି ଇରାନୀଙ୍କ ସମେତ ଦଳର ଅନ୍ୟ ନେତାମାନେ ଉପସ୍ଥିତ ଥିଲେ। ସେହିଭଳି ହରିଦ୍ୱାର ଆସନ ଲାଗି ବିଜେପି ପକ୍ଷରୁ ତ୍ରିଭେନ୍ଦ୍ର ସିଂ ରାଓ୍ୱତ

ନିଜର ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି।  ଅନ୍ୟପକ୍ଷରେ କଂଗ୍ରେସ ପ୍ରାର୍ଥୀ ଜଟସିଂ ଗୁଂଶଲା ତେହେରି ଲୋକସଭା ଆସନରୁ ନିଜର ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି।

# ହିମାଚଳ ପ୍ରଦେଶ-ବିଜେପି

ହିମାଚଳ ପ୍ରଦେଶର ୬ଟି ବିଧାନସଭା ଆସନ ଲାଗି ଅନୁଷ୍ଠିତ ହେବାକୁ ଥିବା ଉପ ନିର୍ବାଚନ ନିମନ୍ତେ ଭାରତୀୟ ଜନତା ପାର୍ଟିର କେନ୍ଦ୍ରୀୟ ନିର୍ବାଚନ କମିଟି ପକ୍ଷରୁ ଆଜି ପ୍ରାର୍ଥୀଙ୍କ ନାମ ଘୋଷଣା କରାଯାଇଛି। ମିଳିଥିବା ସୂଚନା ଅନୁଯାୟୀ,  ସମ୍ପ୍ରତି କଂଗ୍ରେସ ଦଳ ତ୍ୟାଗ କରି ବିଜେପିରେ ଯୋଗ ଦେଇଥିବା ୬ ଜଣ ବିଧାୟକଙ୍କୁ ଦଳ ପକ୍ଷରୁ ଆଗାମୀ ଉପନିର୍ବାଚନ ଲାଗି ପ୍ରାର୍ଥୀ କରାଯାଇଛି। ଧର୍ମଶାଳା ଆସନ ଲାଗି ସୁଧିର ଶର୍ମା, ଲାହାଉଲ ସ୍ପିତି ଆସନରୁ ରବି ଠାକୁର ଓ ସୁଜନପୁର ଆସନରୁ ରାଜିନ୍ଦର ରାଣାଙ୍କୁ ପ୍ରାର୍ଥୀ କରାଯାଇଛି। ସେହିଭଳି ଇନ୍ଦ୍ରଦତ୍ତ ଲଖନପାଲଙ୍କୁ ବଡ଼ସାର ଆସନରୁ ପ୍ରାର୍ଥୀ କରାଯାଇଥିବାବେଳେ ଚୈତନ୍ୟ ଶର୍ମା ଗାଗ୍ରେଟରୁ ଏବଂ ଦେବେନ୍ଦ୍ର କୁମାର ଭୁଟ୍ଟୋ କୁତଲାହାର୍‌ରୁ ବିଜେପି ପକ୍ଷରୁ ଏହି ଉପ ନିର୍ବାଚନରେ ଅବତୀର୍ଣ୍ଣ ହେବେ ବୋଲି ଜଣାପଡ଼ିଛି। ଏଠାରେ ସୂଚନା ଦିଆଯାଇପାରେ  ହିମାଚଳ ପ୍ରଦେଶ ବିଧାନସଭାର ବଜେଟ୍ ଅଧିବେଶନରେ ବଜେଟ୍ ପାରିତ ହେବା ସମୟରେ ଏହି ବିଧାୟକମାନେ ଗୃହରେ ଉପସ୍ଥିତ ନଥିବା ଦୃଷ୍ଟିରୁ ବାଚସ୍ପତି ସେମାନଙ୍କୁ ଅଯୋଗ୍ୟ ଘୋଷଣା କରିଥିଲେ।

# ପାକିସ୍ତାନ ସୁଇସାଇଡାଲ ଆଟାକ

ପାକିସ୍ତାନର ଖାଇବର ପଖତୁନ୍‌ଖ୍ୱାର ସାଙ୍ଗଲାଠାରେ ଆଜି ଏକ ଆତ୍ମଘାତୀ ବିସ୍ଫୋରଣରେ ଜଣେ ପାକିସ୍ତାନୀ ନାଗରିକଙ୍କ ସମେତ ୫ ଜଣ ଚୀନ୍ ନାଗରିକଙ୍କର ମୃତ୍ୟୁ ହୋଇଛି। ପୁଲିସ ପକ୍ଷରୁ ଦିଆଯାଇଥିବା ସୂଚନା ଅନୁଯାୟୀ, ଇସଲାମାବାଦରୁ ଦାସୁ କ୍ୟାମ୍ପକୁ ଚୀନ୍‌ର ଇଞ୍ଜିନିୟରମାନଙ୍କ ନେଇ ଯାଉଥିବା ଗାଡ଼ିକୁ ସମ୍ପୃକ୍ତ ଆତ୍ମଘାତୀ ବିସ୍ଫୋରକ ଥିବା ଯାନଟି ଧକ୍କା ଦେବା ଫଳରେ ଏଭଳି ଦୁର୍ଘଟଣା ଘଟିଛି। ସ୍ଥାନୀୟ ପୁଲିସ ଘଟଣା ସ୍ଥଳରେ ପହଁଞ୍ଚି ତଦନ୍ତ କରିବା ସହ ଉଦ୍ଧାର କାର୍ଯ୍ୟ ଜାରି ରଖିଛି।

# ବ୍ରିଜ୍-ବାଲ୍ଟିମୋର୍

ଯୁକ୍ତରାଷ୍ଟ୍ର ଆମେରିକାର ବାଲ୍ଟିମୋର ଠାରେ ଏକ ଜାହାଜ ଧକ୍କା ଦେବା ଫଳରେ ଫ୍ରାନ୍‌ସିସ୍ ସ୍କଟ୍ କି’ ବ୍ରିଜ୍ ଭୁଶୁଡ଼ି ପଡ଼ିଛି। ଫଳରେ ଅନେକ ଲୋକ ଆହତ ହୋଇଥିବା ସ୍ଥାନୀୟ ଅଗ୍ନିଶମ ବିଭାଗ ପକ୍ଷରୁ କୁହାଯାଇଛି। ମିଳିଥିବା ସୂଚନା ଅନୁଯାୟୀ, କମ୍ ଆଲୋକ ଏବଂ ତୁଷାରପାତ ଯୋଗୁଁ ଉଦ୍ଧାର କାର୍ଯ୍ୟ ବାଧାପ୍ରାପ୍ତ ହୋଇଥିବା ଜଣାଯାଇଛି। ଏହି ଦୁର୍ଘଟଣାରେ ଅନେକ ଲୋକ ନିଖୋଜ ହେବା ସହିତ ଯାନବାହନ ଗୁଡ଼ିକ ମଧ୍ୟ ନଦୀ ମଧ୍ୟରେ ବୁଡି ଯାଇଛି। ଏହି ବ୍ରିଜ୍‌ରେ ମାଡ଼ ହେବା

ପରେ ସମ୍ପୃକ୍ତ ଜାହାଜରେ ନିଆଁ ଲାଗି ଯାଇଥିବା ଅଗ୍ନିଶମ ବିଭାଗ ପକ୍ଷରୁ କୁହାଯାଇଛି ।

## ଆଇପିଏଲ୍

ଆଇପିଏଲର ଚଳିତ ସଂସ୍କରଣରେ ଚେନ୍ନାଇର ଏମଏ ଚିଦାମ୍ବରମ ଷ୍ଟାଡିୟମ ଠାରେ ଆଉ କିଛି ସମୟ ମଧ୍ୟରେ ଚେନ୍ନାଇ ସୁପର କିଙ୍ଗସ ଓ ଗୁଜରାଟ ଟାଇଟନ୍ସ ମଧ୍ୟରେ ମୁକାବିଲା ହେବ ।

ଗତକାଲି ବେଙ୍ଗାଲୁରୁର ଏମ୍ ଚିନ୍ନାସ୍ୱାମୀ ଷ୍ଟାଡିୟମରେ ଖେଳାଯାଇଥିବା ଆଇପିଏଲ୍ କ୍ରିକେଟ୍‌ରେ ରୟାଲ୍ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର' ପଞ୍ଜାବ କିଙ୍ଗ୍ସକୁ ୪ ୱିକେଟ୍‌ରେ ପରାସ୍ତ କରିଛି । ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ୧୯ ଓଭର ୨ଟି ବଲ୍‌ରେ ୬ ୱିକେଟ୍ ହରାଇ ୧୭୮ ରନ୍ କରିଥିଲା । ୧୭୯ ରନ୍ ବିଜୟ ଲକ୍ଷ୍ୟର ପିଛା କରି ପଞ୍ଜାବ କିଙ୍ଗ୍ସ ନିର୍ଦ୍ଧାରିତ ୨୦ ଓଭରରେ ୬ ୱିକେଟ୍ ହରାଇ ୧୭୬ ରନ୍ କରିପାରିଥିଲା । ବିରାଟ କୋହଲି ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ ।